The Odisha Gazette

EXTRAORDINARY

PUBLISHED BY AUTHORITY

No. 4107 CUTTACK, TUESDAY, SEPTEMBER 23, 2025/ASWINA 1, 1947

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

ଘୋଷଣା।

ତାରିଖ ୨୬ ଅଗଷ୍ଟ ୨୦୨୫

No. 2172/2025—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ବାଲିଗୁଡା, ଥାନା ମାଥିଲି, ତହସିଲ ମାଥିଲି, ଜିଲ୍ଲା ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୫/୨୦୨୩ ତା ୧୬ ଜୁନ ୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା ବାଲିଗୁଡା, ଥାନା ମାଥିଲି, ତହସିଲ ମାଥିଲି, ଜିଲ୍ଲା ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରର୍ମମ ସଂଲଗ୍ନ କରାଯାଇ ନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ତଥା ତହସିଲଦାରଙ୍କ କାର୍ଯ୍ୟାଳୟ, ମାଥିଲିଠାରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଥିଲି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ବାଲିଗୁଡା	ଗ୍ରାମାଞ୍ଚଳ	ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା					

ତଫସିଲ–ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଥିଲି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତାନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ଭୂମି ଅନୁସୁଚୀ

ଖାତା ନଂ.	ପ୍ଲଟ ନଂ.	ମୋଟ ରକବା (ଏକର)	ଅଧିଗ୍ରହଣ ରକବା (ଏକର)	କିସମ	ରୟତଙ୍କ ନାମ
(୧)	(୨)	(୩)	(୪)	(୫)	(୬)
୩୪	୨୨	୧.୦୬୦	୦.୩୩୬୬	ଧାନ ଦୁଇ	ମାଧବ କୁମାର, ପି. ଡମ୍ବରୁ କୁମାର, ଜା. କମାର ଧଉଡାଗୁଡା ।
୩୭	୧୮	୩.୪୯୨	୦.୧୮୫୧	ଡଙ୍ଗର ଦୁଇ	ମୁଲିଆ ପରଜା, ସନା ପରଜା, ପି. ଚନ୍ଦ୍ର ପରଜା, ବା. ଧଉଡାଗୁଡା ।
	୯୦	୧.୫୯୧	୦.୯୩୬୪	ଡଙ୍ଗର ଦୁଇ	
୪୦	୬୬	୩.୩୬୧	୧.୩୯୦୫	ଧାନ ଦୁଇ	ରଘୁ ପ୍ରଧାନି, ହରିବାଳା ପ୍ରଧାନି ପି. ନିଳାମ୍ବର ପ୍ରଧାନି, କମଳା ପ୍ରଧାନି, ସ୍ୱା. ନିଳାମ୍ବର ପ୍ରଧାନି ଜା. ରଣା, ବା. ନିଜଗାଁ ।
	୭୩	୦.୯୮୮	୦.୧୪୧୬	ଡଙ୍ଗର ଦୁଇ	
୫୦	୯୧	୦.୪୩୪	୧.୭୨୧୪	ଡଙ୍ଗର ଦୁଇ	ସମା ପରଜା, ପି. ସନ୍ୟା ପରଜା, ଲିଖିତ ପରଜା, ସ୍ୱା. ସନ୍ୟା ପରଜା, ଜା. ଜଡିଆ ପରଜା, ବା. ଧଉଡାଗୁଡା ।
୧୫	୩୬୮	୪.୩୨୪	୨.୮୭୪୧	ଧାନ ଏକ	ଦିନୁ ପ୍ରଧାନି, ପି. ଦସରଥ ପ୍ରଧାନି, ବଳରାମ ପ୍ରଧାନି, ପି. ରାଢୁ ପ୍ରଧାନି, ଯମୁନା ପ୍ରଧାନି, ସ୍ୱା. ରାଢୁ ପ୍ରଧାନି, ଜା. ରଣା, ବା. ନିଜଗାଁ ।
	୩୬୩	୦.୧୯୮	୦.୧୯୫୨	ଧାନ ଏକ	
୫୫/୯୭	୩୬୨	୨.୧୭୪	୦.୧୭୭୬	ଧାନ ଏକ	ଅର୍ଜୁନ ପ୍ରଧାନି, ପି. ବୁଦୁ ପ୍ରଧାନି, ଜା. ରଣା, ବା. ନିଜଗାଁ ।
୫୫/୭୫	୩୬୩/ ୪୯୧	୧.୧୪୪	୦.୧୫୨୩	ଧାନ ଏକ	ଜଗନ୍ନାଥ ଦଳପତି, ପି. ଲକିନାଥ ଦଳପତି, ଜା. ରଣା, ବା. ବାଲିଗୁଡା ।
	ମୋଟ	୧୮.୭୬୬	୮.୧୧୧		

ରାଜ୍ୟପାଳଙ୍କ ଆଦେଶକ୍ରମେ

SOMESH KUMAR UPADHYAY

ଜିଲ୍ଲାପାଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3317—173+4